# ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ଅନୁଗୋଳ ଜିଲ୍ଲା ଗସ୍ତ ।

## ଜିଲ୍ଲା କାର୍ଯ୍ୟାଳୟ ରାଜସ୍ୱ କାର୍ଯ୍ୟକ୍ରମର କାର୍ଯ୍ୟକାରିତାକୁ ନେଇ ସମୀକ୍ଷା ।

ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ରାଜସ୍ୱ କାର୍ଯ୍ୟର ଅଗ୍ରଗତିକୁ ନେଇ ଆଜି ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଶ୍ରୀ ସୁରେଶ ଚନ୍ଦ୍ର ଦଳେଇ ସମୀକ୍ଷା କରିଛନ୍ତି । ୮ ଟି ବ୍ଲକରେ ସମୁଦାୟ ୭୮ଟି ସଇରତ ଉତ୍ସ ମଧ୍ୟରୁ ୨୬ଟି ଉତ୍ସ ବର୍ତ୍ତମାନ କାର୍ଯ୍ୟକ୍ଷମ ହେଉଛି । ସେହିପରି ଜିଲ୍ଲାରେ ରାଜସ୍ୱ ସଂଗ୍ରହ ଚଳିତ ବର୍ଷ ନିମନ୍ତେ ୪୧୯୭.୨୬ ଲକ୍ଷ ଟଙ୍କା ଧାର୍ଯ୍ୟ ଥିବା ସ୍ଥଳେ ରାଜସ୍ୱ ସଂଗ୍ରହ ହୋଇଛି ୩୬୧୪.୦୪ ଲକ୍ଷ । ସେହିପରି OLR Actର u/s 8 (A) ରେ ବୀମା ରାଶି ସଂଗ୍ରହ ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି ଆଇନ୍ ଅଧିନରେ ସମୁଦାୟ ୮ଟି ବ୍ଲକରେ ୬୫୨ଟି କେଶ୍ ୨୦୨୧ ଏପ୍ରିଲ ୧ ତାରିଖ ସୁଦ୍ଧା ପଡି ରହିଥିବାବେଳେ ସମୁଦାୟ ୫୮୧ ଟି କେଶ୍ ସମାଧାନ ହୋଇଛି । ଲଘୁ ଖଣିଜ ସମ୍ପଦର ରାଜସ୍ୱ ସଂଗ୍ରହ ସମ୍ପର୍କରେ କମିଶନର ବିସ୍ତୃତ ଭାବେ ସମୀକ୍ଷା କରିଥିଲେ । ୮ଟି ବ୍ଲକରେ ବାର୍ଷିକ ଲକ୍ଷ ୪୫୦୦.୦୦ ଲକ୍ଷ ଥିବାବେଳେ ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ୨୬୯୭.୧୨ ଲକ୍ଷ ରାଜସ୍ୱ ସଂଗ୍ରହ ହୋଇଛି । ଇତିମଧ୍ୟରେ ବିଭିନ୍ନ ଚୋରା ଚାଲାଣ ଓ ବେଆଇନ୍ ଚାଲାଣକୁ ନେଇ ୪୫୫ଟି ଚଢାଉ ହୋଇ ୨୬୫ଟି ବେଆଇନ୍ ଖଣି ଚାଲାଣକୁ ଧରା ଯାଇଛି । ଏଥିରେ କମିଶନର ବିଭିନ୍ନ ଅନୁଦାନର ଖର୍ଚ୍ଚ,ବିନିଯୋଗ ପ୍ରମାଣପତ୍ର ଓ ଲଘୁ ଖଣିଜ ଦ୍ରବ୍ୟର ଚୋରାର ନିରାକରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଂକୁ ସ୍ୱାଗତ ଜଣାଇବା ସହ ଜିଲ୍ଲାରେ ରାଜସ୍ୱ ସଂଗ୍ରହ ଓ ଏହାର ଅଗ୍ରଗତି ସମ୍ପର୍କରେ କମିଶନରଂକୁ ଅବଗତ କରିଥିଲେ । ଏହି ବୈଠକରେ ଢେଙ୍କାନାଳ ସାଂସଦ ଶ୍ରୀ ମହେଶ ସାହୁ, ପାଲଲହଡା ବିଧାୟକ ଶ୍ରୀ ମୁକେଶ କୁମାର ପାଲ, ଆରକ୍ଷୀ ଅଧିକ୍ଷକ ଶ୍ରୀ ଜଗମୋହନ ମୀନା, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀ ରଜନୀକାନ୍ତ ସ୍ୱାଇଁ ,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲିପ କୁମାର ସାହୁ, ତାଳଚେର ଉପଜିଲ୍ଲାପାଳ ଶ୍ରୀ ବିଶ୍ୱ ରଞ୍ଜନ ରଥ,ସମସ୍ତ ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ ।

